# Akashvani, Sambalpur

## SAMBALPURI NEWS EVENING BULLETIN

**1 February 2025- 7.02 pm- 7.12 pm.**

**********************************************

୧- ସଂସଦ୍ ନ ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ।

- ବଛର୍‌କ ୧୨ ଲାଖ୍ ଟଙ୍କା କମାନି ଉପ୍‌ରେ ନାଇଁପଡ଼େ ଟିକସ୍ ।

୨- ସମାବେଶୀ ବିକାଶ୍ ଦିଗେ ସମ୍‌କୁ ସାମିଲ୍ କର୍‌ବାର୍ ଲାଗି ବଜେଟ୍‌ଥି ରଖାଯାଇଛେ ଲକ୍ଷ୍ୟ- କହେଲେ ଅର୍ଥମନ୍ତ୍ରୀ ।

୩- ଇ ବଜେଟ୍ ସବୁ ଭାରତୀୟଙ୍କର୍ ଆକାଂକ୍ଷାର୍ ବଜେଟ୍- କହେଲେ ପ୍ରଧାନ୍‌ମନ୍ତ୍ରୀ ।

ଆଉର୍

୪- ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍ ମେଚ୍‌ଥି ଆଏଜ୍ ଭେଟ୍‌ବେ ସ୍ରାଚୀ ରାଢ଼ ବେଙ୍ଗଲ୍ ଟାଇଗର୍ସ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଦଲ୍ ।

ବଜେଟ୍ ଆର୍ଏନ୍ୟୁ/ କଟକ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫ -୨୬ ଆର୍ଥିକ୍ ବଛର୍ ଲାଗି କେନ୍ଦ୍ରୀୟ ବଜେଟ୍ ଉପସ୍ଥାପନ୍ କରିଛନ୍ । ଇ ବଛର୍ ବଜେଟ୍‌ଥି ୧୦ ଟା ମୁଖିଆ କ୍ଷେତ୍ର ଉପ୍‌ରେ ଗୁରୁତ୍ୱ ଦିଆୟାଇଛେ । ସମାବେଶୀ ବିକାଶ୍ ଦିଗେ ସମ୍‌କୁ ସାମିଲ୍ କର୍‌ବାର୍‌ଟା ବଜେଟ୍‌ର ମୁଖ୍ୟ ଲକ୍ଷ୍ୟ ରହିଛେ । ଇଥର ବଜେଟ୍‌ଥି ଟିକସ୍, ଶକ୍ତି, ସହରାଂଚଲ୍ ବିକାଶ୍, ଖଣି, ଅର୍ଥନୀତି ଆର୍ ପ୍ରାଧିକରଣ୍ ବାଗିର୍ ୬ ଟା କ୍ଷେତ୍ରଥି ସଂସ୍କାର୍‌ମୂଳକ୍ ପଦକ୍ଷେପ୍ ନିଆୟିବାର୍ ଲକ୍ଷ୍ୟ ରଖାୟାଇଛେ ବଲି ଶ୍ରୀମତୀ ସୀତାରମଣ୍ କହିଛନ୍ । ସେ ଆହୁରି କହିଛନ୍ ଯେ, ଦେଶର୍ ବିକାଶ୍ ଯାତ୍ରାଥି ଚାଷ୍, ଏମ୍‌ଏସ୍‌ଏମ୍‌ଇ, ପୁଞ୍ଜି ବିନିଯୋଗ୍ ଆର୍ ରପ୍ତାନୀକେ ଜୋର୍ ଦିଆୟାଇଛେ । ଦାଏଲ୍ ଚାଷ୍ କ୍ଷେତ୍ରଥି ଆତ୍ମନିର୍ଭର୍ ହେବାର୍ ଲାଗି କେନ୍ଦ୍ର ସର୍‌କାର୍ ୬ ବର୍ଷିଆ ଅଭିଯାନ୍ ମୁଲ୍ କର୍‌ବେ । ବିହାର୍ ନ ମଖାନା ବୋର୍ଡ଼ ଥାପ୍‌ନା କରାୟିବା । ସୂତା ଉତ୍ପାଦନ୍‌କେ ତହଁକାବାର୍ ଲାଗି ଅର୍ଥମନ୍ତ୍ରୀ ଗୁଟେ ଖାସ୍ ଅଭିଯାନ୍ ଘୋଷ୍‌ନା କରିଛନ୍ । ଅର୍ଥମନ୍ତ୍ରୀ ରଣ ପ୍ରକ୍ରିୟାକେ ତୁର୍‌ତି କର୍‌ବାର୍ ସହେତେ ଛୋଟ୍ ଉଦ୍ୟୋଗୀମାନ୍‌କୁ ରଣ ଗେରେଂଟି ପରିମାଣ୍ ୫ କୋଟିନୁ ୧୦ କୋଟି ଟଙ୍କାକେ ବଢ଼ାବାର୍ ଲାଗି ଘୋଷ୍‌ନା କରିଛନ୍ । ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀମାନ୍‌କୁ ରଣ ଦେବାର୍

ପରିମାଣ୍ ୨୦ କୋଟି ଟଙ୍କାକେ ବଢ଼ାଯାଇଥିବାର୍ ଅର୍ଥମନ୍ତ୍ରୀ ଘୋଷ୍ନା କରିଛନ୍ ।

ଅନୁସୂଚିତ ଜାତି ଆର୍ ଜନଜାତି ମହିଳା ଉଦ୍ୟୋଗୀମାନ୍କର୍ ଲାଗି ପହେଲାଥର ଋଣ ପରିମାଣ୍ ଆଏବା ୫ ବଛର୍ ଭିତ୍ରେ ୨ କୋଟି ଟଙ୍କାକେ ବଢ଼ିଥିବାର୍‌ଟା ଘୋଷ୍ନା ହେଇଛେ । ବିଦ୍ୟାଲୟମାନ୍କେ ୫ ହଜାର୍ ଅଟଲ ଟିଙ୍କରିଂ ଲେବ୍ ଥାପ୍ନା କରାଯିବା ଆର୍ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ୍ ଅଧୀନ୍ଥି ଦେଶେ ଦକ୍ଷତା ବିକାଶ୍ ଲାଗି ୫ ଟା ଜାତୀୟ କେନ୍ଦ୍ର ଥାପ୍ନା କରାଯିବା ବଲି ଶ୍ରୀମତୀ ସୀତାରମଣ୍ କହିଛନ୍ । ଆଏବା ୩ ବଛର୍ ଭିତ୍ରେ ଫି’ ଜିଲ୍ଲା ନ କର୍କଟ ନିଦାନ୍ କେନ୍ଦ୍ର ଆର୍ ଡେ’କେୟାର୍ ସେଂଟର୍ କରାଯିବା । ଦେଶେ ଶହେ ପ୍ରତିଶତ୍ ଜଲଯୋଗାଣ ଲକ୍ଷ୍ୟ ହାସଲ୍ ଲାଗି ଅର୍ଥମନ୍ତ୍ରୀ ଜଲ୍‌ଜୀବନ୍ ମିଶନ୍‌କେ ୨୦୨୮ ସାଲ୍‌ତକ୍ ବଢ଼ାଯିବା ବାବଦ୍ ଘୋଷ୍ନା କରିଛନ୍ । ବିଜ୍‌ଲି ଉତ୍ପାଦନ୍ ଲାଗି ୨୦ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ଛୋଟ୍ ମଡ୍ୟୁଲାର୍ ଆଣବିକ ରିଏକ୍ଟର୍ ଥାପ୍ନା, ଉଡ଼ାନ୍ ଯୋଜ୍ନାଥି ଦେଶେ ଶହେ ୨୦ଟା ନୂଆଁ ବିମାନ୍ ବନ୍ଦର୍ ଥାପ୍ନା ଲାଗି ଯୋଜ୍ନା ମୁଲ୍ କରାଯିବା ବଲି ଅର୍ଥମନ୍ତ୍ରୀ ଗୃହ ନ ସୂଚ୍ନା ଦେଇଛନ୍ ।

ନୂଆଁ ଟିକସ୍ ବ୍ୟବସ୍ଥା ଜରିଏ ମଧ୍ୟମ୍ ବର୍ଗ ଆର୍ ଚାକ୍‌ରିଆ ମାନ୍କର୍ ଲାଗି ସରକାର୍ ଭିନ୍ ଭିନ୍ ଘୋଷ୍ନା କରିଛନ୍ । ବଛର୍‌କ ୧୨ ଲାଖ୍‌ତକ୍ କମଉଥିବା ଲୁକ୍‌କୁ କେନ୍‌ସି ଟିକସ୍

ଦେବାର୍‌କେ ନାଇଁ ପଡ଼େ । ହେଲେ ୧୨ ଲାଖ୍‌ନୁ ଅଏତ୍‌କା କମଉଥିବା ଲୁକ୍‌କର୍ ଲାଗି ନୂଆଁ ଟିକସ୍ ବ୍ୟବସ୍ଥା ଅନ୍‌ସାରେ ଆୟକର୍ ସ୍ଲାବ୍ ଘୋଷ୍‌ନା କରାଯାଇଛେ ।

ବଜେଟ୍ ପ୍ରତିକ୍ରିୟା- ପ୍ରଧାନ୍‌ମନ୍ତ୍ରୀ ଏକ୍ସ

ସଂସଦ୍ ନ ଇ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ ଉତ୍‌ରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର୍ ମତାମତ୍ ରଖିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ସେ କହିଛନ୍, ଇ ବଜେଟ୍ ସବୁ ଭାରତୀୟ ସବୁ ଭାରତୀୟଙ୍କର୍ ଆକାଂକ୍ଷାର୍ ବଜେଟ୍, ଦେଶ୍‌ବାସୀଙ୍କର୍ ସବୁ ସପନ୍ ପୁରା କର୍‌ବାର୍ ବଜେଟ୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ସେ କହିଛନ୍, ବଜେଟ୍‌ଥି ବଛର୍‌କ ୧୨ ଲାଖ୍ ଟଙ୍କା ତକ୍ କମଉଥିବାର୍ ଲୁକ୍‌କର୍ ଲାଗି ଟିକସ୍ ମାଫ୍ ହେଇଛେ । ଇତାର୍ ସହେତେ ସବୁ କମାନି ବର୍ଗଥି ଟିକସ କମ୍ କରାଯାଇଛେ, ଯେନ୍‌ଟା କି ମଧ୍ୟମ୍ ବର୍ଗର୍ ଲୁକ୍‌କୁ ବହୁତ୍ ଲାଭ୍ ଦେବା । ଆଣବିକ ଶକ୍ତି କ୍ଷେତ୍ରଥି ଘେରୋଇକରଣକେ ତହଁକାବାର୍ ଦିଗେ ପଦକ୍ଷେପ ଗୁଟେ ଏତିହାସିକ୍ ଘୋଷଣା ଆଏ ଆଉ ଆଏବା ସମିଆଥି ସିଭିଲ୍ ନ୍ୟୁକ୍ଲିୟର୍ ଏନର୍ଜି ଦେଶର୍ ବିକାଶ ଦିଗେ ଗୁଟେ ମୁଖିଆ ଭୂମିକା ନେବା ବଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ବଜେଟ୍ ପ୍ରତିକ୍ରିୟା-ଚିତ୍ରସେନ୍ ଭୁଏ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଜେଟ୍ ଉପ୍‌ରେ ପ୍ରତିକ୍ରିୟା ରଖିକରି କଳାହାଣ୍ଡିର ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗ୍‌ର ସହକାରୀ ଅଧ୍ୟାପକ ଚିତ୍ରସେନ୍ ଭୁଏ କହିଛନ୍...
(ଭଏସ୍ ଓଭର୍-ଚିତ୍ରସେନ୍ ଭୁଏ)

ସଂସଦ୍ ଅଧିବେଶନ୍ ହଇଗୋଳ ଏନ୍‌ଏସ୍‌ଡି

ପାର୍ଲ୍ୟାମେଂଟ୍‌ର ବଜେଟ୍ ଅଧିବେଶନ୍ ଆଏଜ୍ ମୁଲ୍ ହଉନ୍‌ସାର୍ ବିରୋଧୀ ଦଲ୍‌ମାନେ ଜବର୍ କିର୍ଲାଗଗା କରିଥିଲେ । କଂଗ୍ରେସ୍, ସମାଜବାଦୀ ପାର୍ଟି, ଡିଏମ୍‌କେ ଆର୍ ଭିନ୍ ଭିନ୍ ବିରୋଧୀ ଦଲର୍ ସାଂସଦ୍ ମାନେ ହୋହଲ୍ଲା କରିକରି କକ୍ଷତ୍ୟାଗ କରିଥିଲେ । ଇତାର୍ ଭିତ୍‌ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ବଜେଟ୍ ଉପସ୍ଥାପନ୍ କରିଥିଲେ । ବଜେଟ୍ ଉପସ୍ଥାପନ୍ ହେଇସାର୍‌ବାର୍ ଉତ୍‌ରୁ ବିରୋଧୀମାନ୍‌କର୍ ରଡ଼ାକିର୍ଲା ଲାଗି ଲୋକ୍‌ସଭାକେ ଅଧ୍ୟକ୍ଷ ଓମ୍ ବିର୍ଲା ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ସେନ୍ତା ରାଜ୍ୟସଭା ନ ଭିଲ୍ ବଜେଟ୍‌କେ ନେଇକରି କିର୍ଲାଗଗା ହେବାର୍‌ନୁ ଅଧ୍ୟକ୍ଷ

ଜଗ୍‌ଦୀପ୍ ଧନ୍‌ଖଡ଼୍ ଆଝିର୍ ଲାଗି ଗୃହକେ ମୁଲ୍‌ତବୀ ଘୋଷ୍‌ନା କରିଥିଲେ । ଦୁହି ଗୃହ ନ ଆଏବା ସୋମ୍‌ବାର୍ ଫେର୍‌ଘାଏ ଅଧିବେଶନ୍ ବସ୍‌ବା ।

ପୁଲିସ୍‌ର ଧ୍ୱଜାବତରଣ ସମାରୋହ I&PR

ଭୁବ୍‌ନେଶ୍ୱର୍ ୭ ନମ୍ବର୍ ବାଟାଲିୟନ୍ ପରିସର୍ ନ ପୁଲିସ୍‌ର ଧ୍ୱଜାବତରଣ ସମାରୋହ ପାଲିତ୍ ହେଇଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଇ ସମାରୋହଥି ଯୋଗ୍ ଦେଇକରି ଇଟା ରାଜ୍ୟ ପୁଲିସ୍ ବାହିନୀର୍ ସମନ୍ୱୟ ଆର୍ ଶୃଙ୍ଖଲାର୍ ଅନନ୍ୟ ପ୍ରତୀକ୍ ବଲି କହିଥିଲେ ।

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ଆବେଦନ୍ ସମିଆକେ ଆଏବା କାଏଲ୍‌ତକ୍ ବଢ଼େଇଛନ୍ । ଜିଲ୍ଲା ଆର୍ ବ୍ଲକ୍‌ସ୍ତର୍ ନ ଆୟୋଜିତ୍ ଶିବିର୍‌ଥି ପୁରସ୍କାର୍ ପାଏବାର୍ ଲାଗି ଯୋଗ୍ୟ ପ୍ରାର୍ଥୀମାନେ ଆବେଦନ୍ କରିପାର୍‌ବେ ବଲି ଓଡ଼ିଶା ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ୍ ଅନନ୍ୟା ଦାସ କହିଛନ୍ । ଇନ ଜନେଇ

ଦିଆଯାଇପାରେ ଯେ, ଆବେଦନ୍ ସମିଆ ଗଲା ଗୁରୁବାର୍ ଦିନ ଶେଷ୍ ହେଉଥିଲା ।

ଝାର୍ସୁଗୁଡ଼ା-ଲକ୍ଷ୍ନୌ ବିମାନ୍ ସେବା ଝାର୍ସୁଗୁଡ଼ା ସମ୍ବାଦଦାତା

ଝାର୍ସୁଗୁଡ଼ାନୁ ଲକ୍ଷ୍ନୌକେ ବିମାନ୍ ସେବା ଆଏଜ୍‌ଠାନୁ ମୁଲ୍ ହେଇଛେ । ଝାର୍ସୁଗୁଡ଼ା ବିଧାୟକ୍ ଟଙ୍କଧର୍ ତ୍ରିପାଠୀ ଇ ବିମାନ୍ ଚଲାଚଲ୍‌ର ଶୁଭାରମ୍ଭ କରିଛନ୍ । ଷ୍ଟାର୍ ଏୟାର୍ ତର୍‌ଫୁ ଇ ବିମାନ୍ ସେବା ଯୁଗେଇ ଦିଆଯାଉଛେ । ହପ୍ତାର୍ ୪ ଦିନ୍ ମଙ୍ଗଲ୍‌ବାର୍, ଗୁରୁବାର୍, ଶୁକ୍ରବାର୍ ଆର୍ ଶନିବାର୍ ଦିନ ଇ ବିମାନ୍ ଚଲାଚଲ୍ କର୍‌ବା ।

ଓସେପା ବିଜ୍ଞପ୍ତି ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଫି ପଂଚାୟତ୍ ନ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଥାପ୍‌ନା କରାଯିବା । ଇଥରଲାଗି ସର୍‌କାର୍ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍-ଓସେପାକେ ଦାୟିତ୍ୱ ଦେଇଛନ୍ । ସେନ୍ତା ରାଏଜେ ଶହେ ବଛ୍‌ରନୁ ଅଏତ୍‌କା ପୁର୍‌ନା ସ୍କୁଲ୍‌ର ବିକାଶ୍ କରାଯିବା ବଲି ଓସେପା ତର୍‌ଫୁ ବିଜ୍ଞପ୍ତି ବାହାରିଛେ ।

ଉତରାଂଚଲ୍ ଆର୍‌ଡିସି            ଆର୍‌ଏନ୍‌ୟୁ/ କଟକ୍

ଉତରାଂଚଲ୍ ରାଜସ୍ୱ ଆୟୁକ୍ତଙ୍କୁ ପଶ୍ଚିମ ଓଡ଼ିଶା ବିକାଶ୍ ପରିଷଦ୍‌ର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛେ । ସ୍ଥାୟୀ ଅଧ୍ୟକ୍ଷଙ୍କର୍ ନାମାଙ୍କନ୍ ବିଚାରାଧୀନ୍ ଥିବାର୍‌ନୁ ବିକାଶ୍ ପରିଷଦ୍ ପରିଚାଳନା ବୋର୍ଡ଼ର ସ୍ଥାୟୀ ସଦସ୍ୟ ଥିବା ଉତରାଂଚଲ୍ ଆର୍‌ଡିସିଙ୍କୁ ଇ ଦାୟିତ୍ୱ ଦିଆଯାଇଛେ । ଆଘର୍ ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଗଲା ଅଗଷ୍ଟ ୭ ତାରିଖ୍ ଦିନ ଇସ୍ତଫା ଦେବାର୍ ଉତ୍‌ରୁ ଇ ପଦ ଖାଲି ପଡ଼ିଥିଲା ।

ନିର୍ମାଣ ଶ୍ରମିକ୍ କଲ୍ୟାଣ୍ ଯୋଜ୍‌ନା            ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ତପସ୍ୱିନୀ ଅଡିଟୋରୟମ୍ ନ ନିର୍ମାଣ ଶ୍ରମିକ୍ କଲ୍ୟାଣ୍ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ପରିଚୟ ପତ୍ର ଆର୍ ଭିନ୍ ଭିନ୍ ସାହାଜ୍ ବଂଟାଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ଶହେ ୧୬ ଝନ୍ ଯୋଗ୍ୟ ହିତାଧିକାରୀ ଭିନ୍ ଭିନ୍ ସାହାଜ୍ ବାବ୍‌ଦେ ୭୬ ଲାଖ୍ ଟଙ୍କା ଆର୍ ନୂଆଁକରି ପଞ୍ଜିକୃତ ହେଇଥିବାର୍ ୩ ଶହ ୫୦ ଝନ୍ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ବଂଟାଯାଇଥିଲା । କାର୍ଯ୍ୟକ୍ରମ୍‌ଥି ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର, ଜିଲ୍ଲାପାଳ୍ ସିଦ୍ଧେଶ୍ୱର୍ ବଳିରାମ୍

ବୋନ୍ଦର୍, ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ୍ ରଞ୍ଜନ୍ ଜେନା ଯୋଗ୍ ଦେଇଥିଲେ ।

ଧାନ୍ ଘିନା ଲକ୍ଷ୍ୟ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍ ଚଲ୍‌ତି ଖରିଫ୍ ଋତୁଥି ୭୭ ଲାଖ୍ ମେଟ୍ରିକ୍ ଟନ୍ ଧାନ୍ ଘିନ୍‌ବାର୍ ଲାଗି ଲକ୍ଷ୍ୟ ରଖିଛନ୍ । ଆଘୋନୁ ଧାନ୍ ଘିନା ପରିମାଣ୍ ୬୫ ଲାଖ୍ ମେଟ୍ରିକ୍ ଟନ୍ ଧାରିଜ୍ ହେଇଥିଲା । ଚାଷୀମାନ୍‌କର୍ ସ୍ୱାର୍ଥକେ ନଜର୍‌ଥି ରଖିକରି ଅଏତ୍‌କା ଧାନ୍ ଘିନ୍‌ବାର୍ ଲାଗି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ମନ୍ତ୍ରୀସ୍ତରୀୟ ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ଫାଇନାଲ୍‌ଥି ଆଏଜ୍ ସ୍ରାଚୀ ରାହ ବେଙ୍ଗଲ୍ ଟାଇଗର୍ସ ଆର୍ ହାଇଦ୍ରାବାଦ୍ ତୋଫାନ୍ସ ଭିତ୍‌ରେ ମେଚ୍ ହେବା । ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ରାତି ୮ ଟା ୧୫ ମିନିଟ୍‌ଥି ଇ ମେଚ୍ ହେବାର୍‌କେ

ଥିବାର୍ ବେଳେ ୩ ଆର୍ ୪ ନମ୍ବର୍ ଠାନ୍ ଲାଗି ସଙ୍ଗର୍ ୬ ବଜୁ ମୁକାବିଲା ହେଇଛେ ।

ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।